# Vice President addresses the first plenary Session of the 13th ASEM Summit

November 25, 2021

## ଉପରାଷ୍ଟ୍ରପତି 13 ତମ ଏଏସଇଏମ ଶିଖର ସମ୍ମିଳନୀର ପ୍ରଥମ ସାଧାରଣ ଅଧିବେଶନକୁ ସମ୍ବୋଧିତ କରିଛନ୍ତି

ନଭେମ୍ବର 25, 2021

**ମିଳିତ ଜାତିସଂଘ ସୁରକ୍ଷା ପରିଷଦ ଓ ଅନ୍ୟ ପ୍ରମୁଖ ଆନ୍ତର୍ଜାତିକ ସଂଗଠନରେ ସଂସ୍କାର ଆଣିବାକୁ ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି**

**ଅତୀତର ସମସ୍ୟାର ମୁକାବିଲା ପାଇଁ ପରିକଳ୍ପିତ ବ୍ୟବସ୍ଥାରେ ସାମ୍ପ୍ରତିକ ଦୁନିଆର ସମସ୍ୟାର ସମାଧାନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି**

**ଶାନ୍ତି ବିନା ବିକାଶ ବାଧାପ୍ରାପ୍ତ ହୁଏ ଏବଂ ବିକାଶ ନହେଲେ ହିଂସା ଓ ଅସ୍ଥିରତା ପାଇଁ ଉର୍ବର ଭୂମି ସୃଷ୍ଟି ହୁଏ - ଉପରାଷ୍ଟ୍ରପତି**

**ସଂସ୍କାରିତ ବହୁପକ୍ଷୀୟତା ହେଉଛି ଏକ ପ୍ରମୁଖ ପ୍ରେରକ ସିଦ୍ଧାନ୍ତ ଯାହା ଭାରତ ଅନୁସରଣ କରିଆସିଛି - ଉପରାଷ୍ଟ୍ରପତି**

**ଉପରାଷ୍ଟ୍ରପତି 13 ତମ ଏଏସଇଏମ ଶିଖର ସମ୍ମିଳନୀର ସାଧାରଣ ଅଧିବେଶନକୁ ସମ୍ବୋଧିତ କରିଛନ୍ତି**

ଉପରାଷ୍ଟ୍ରପତି ଶ୍ରୀ ଏମ ଭେଙ୍କୟା ନାଇଡୁ ଆଜି ମିଳିତ ଜାତିସଂଘ ସୁରକ୍ଷା ପରିଷଦ ତଥା ଅନ୍ୟ ପ୍ରମୁଖ ଆନ୍ତର୍ଜାତିକ ସଂଗଠନରେ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଯାହା ଦ୍ୱାରା ସେଗୁଡିକ ସାମ୍ପ୍ରତିକ ବାସ୍ତବତାକୁ ପ୍ରତିଫଳିତ କରିବେ ଏବଂ ସାମ୍ପ୍ରତିକ ସମସ୍ୟାର ମୁକାବିଲା ପାଇଁ ସକ୍ଷମ ହେବେ।

ଆଜି ନୂଆଦିଲ୍ଲୀରେ 13 ତମ ଏଏସଇଏମ ସମ୍ମିଳନୀର ପ୍ରଥମ ସାଧାରଣ ଅଧିବେଶନକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି ଯେ ସମ୍ପ୍ରତି ବିଶ୍ୱ ଦ୍ରୁତ ଅର୍ଥନୈତିକ, ବୈଷୟିକ ତଥା ସୁରକ୍ଷା ସମସ୍ୟାର ସମ୍ମୁଖୀନ ହେଉଛି ଏବଂ ବର୍ତ୍ତମାନର ବହୁପକ୍ଷୀୟ ବ୍ୟବସ୍ଥା ଏହି ସମସ୍ୟାଗୁଡିକର ସମାଧାନ କରିବାରେ ଅସମର୍ଥ ହେଉଛି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଆନ୍ତର୍ଜାତିକ ଆନୁଷ୍ଠାନିକ ଢାଞ୍ଚାରେ ଉଦ୍ଦେଶ୍ୟମୂଳକ ସଂସ୍କାର ପାଇଁ ସଂସ୍କାରିତ ବହୁପକ୍ଷୀୟତା ହେଉଛି ଏକ ପ୍ରମୁଖ ପ୍ରେରକ ସିଦ୍ଧାନ୍ତ ଯାହା ଭାରତ ଅନୁସରଣ କରିଆସିଛି।

ଆଜି ଉଦ୍ଘାଟିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀ କାମ୍ବୋଡିଆ ଦ୍ୱାରା ଭର୍ଚୁଆଲ୍ ଫର୍ମାଟରେ ଆୟୋଜିତ ହୋଇଛି ଏବଂ "ସମସ୍ତଙ୍କ ଅଭିବୃଦ୍ଧି ପାଇଁ ବହୁପକ୍ଷୀୟତାକୁ ମଜବୁତ କରିବା" ବିଷୟବସ୍ତୁ ଉପରେ ଆଧାରିତ। ଉପରାଷ୍ଟ୍ରପତି ଶ୍ରୀ ଏମ ଭେଙ୍କୟା ନାଇଡୁ ଏଏସଇଏମ-13 ରେ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଛନ୍ତି ଏବଂ ଆସନ୍ତାକାଲି ସମ୍ମିଳନୀର ରିଟ୍ରିଟ ଅଧିବେଶନକୁ ମଧ୍ୟ ସମ୍ବୋଧିତ କରିବେ।

ଶାନ୍ତି ବିନା ବିକାଶ ବାଧାପ୍ରାପ୍ତ ହୋଇଥାଏ ବୋଲି ଶ୍ରୀ ନାଇଡୁ କହିଛନ୍ତି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ବିକାଶ ତଥା ଆର୍ଥିକ ପ୍ରଗତି ବାଧାପ୍ରାପ୍ତ ହେଲେ ହିଂସା ଓ ଅସ୍ଥିରତା ପାଇଁ ଉର୍ବର ଭୂମି ସୃଷ୍ଟି ହୋଇଥାଏ। ତେଣୁ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଏବଂ ଜୀବିକା ସୁରକ୍ଷାକୁ ବଢାଇବା ଦିଗରେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି ଏବଂ କୋଭିଡ-19 ମହାମାରୀ ଦ୍ୱାରା ପ୍ରଭାବିତ ରାଷ୍ଟ୍ରଗୁଡିକର ପୁନରୁଦ୍ଧାରରେ ଏହା ବହୁ ଦୂର ଯିବ ବୋଲି ପରାମର୍ଶ ଦେଇଛନ୍ତି। ବିଶ୍ୱ ସ୍ତରରେ ନିରନ୍ତର ଅସୁରକ୍ଷାର କାରଣକୁ ହ୍ରାସ କରିବାର

ଆବଶ୍ୟକତା ଦିଗରେ ଉପରାଷ୍ଟ୍ରପତି ବିଶ୍ୱ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ପାଇଁ ଦାୟୀ ଆନ୍ତର୍ଜାତିକ ସଂଗଠନରେ ସଂସ୍କାରର ଆବଶ୍ୟକତାକୁ ଉଲ୍ଲେଖ କରିଛନ୍ତି।

ଅତୀତର ସମସ୍ୟାର ମୁକାବିଲା ପାଇଁ ପରିକଳ୍ପିତ ପୁରୁଣା ବ୍ୟବସ୍ଥାରେ ଆଜିର ଗତିଶୀଳ ତଥା ଆନ୍ତଃନିର୍ଭରଶୀଳ ବିଶ୍ୱର ବହୁ ସମସ୍ୟାର ସମାଧାନ କରାଯାଇପାରିବ ନାହିଁ ବୋଲି ଶ୍ରୀ ନାଇଡୁ ମତବ୍ୟକ୍ତ କରିଛନ୍ତି ଏବଂ ଆନ୍ତର୍ଜାତିକ ସହଯୋଗକୁ ପୁନଃ ପରିକଳ୍ପନା କରିବା ତଥା ଏହାର ଲକ୍ଷ୍ୟକୁ ଆହୁରି ବିସ୍ତୃତ କରିବା ଜରୁରୀ ବୋଲି କହିଛନ୍ତି। ଏହା ଏକ ସମନ୍ୱିତ ବିଶ୍ୱସ୍ତରୀୟ ପ୍ରତିକ୍ରିୟାର ଅଭାବ ଯାହା ବହୁପକ୍ଷୀୟ ବ୍ୟବସ୍ଥାର ଦୁର୍ବଳତାକୁ ଉଜାଗର କରିଛି ବୋଲି ସେ କହିଛନ୍ତି।

ଉପରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ଏହି ମହାମାରୀ ଅବିଶ୍ୱସ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳାଠାରୁ ଆରମ୍ଭ କରି ଅସମାନ ଟିକା ବଣ୍ଟନ ପର୍ଯ୍ୟନ୍ତ ଭୁଲକୁ ଉଜାଗର କରିଛି ତଥା ବୈଶ୍ୱିକ ଏକତା ଓ ବହୁପକ୍ଷୀୟତାକୁ ସୁଦୃଢ କରିବାର ଆବଶ୍ୟକତାକୁ ରେଖାଙ୍କିତ କରିଛି। ପୁନଃ ପରିକଳ୍ପିତ ମହାମାରୀ ପରବର୍ତ୍ତୀ ବିଶ୍ୱ ବହୁପକ୍ଷୀୟ ବ୍ୟବସ୍ଥାରୁ ବିଭିନ୍ନ ଦାବି କରିବ ବୋଲି ଲକ୍ଷ୍ୟ କରି ସେ ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗ ପାଇଁ ଚାରୋଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଉଲ୍ଲେଖ କରିଛନ୍ତି ଯଥା ସ୍ଥିର ଓ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳା, ସ୍ୱାସ୍ଥ୍ୟ ସୁରକ୍ଷା, ବିକାଶ ପାଇଁ ଡିଜିଟାଲ୍ ଏବଂ ସବୁଜ ଓ ନିରନ୍ତର ପୁନରୁଦ୍ଧାର।

1996 ରେ ପ୍ରତିଷ୍ଠିତ ଏଏସଇଏମ ପ୍ରକ୍ରିୟାର 25 ବର୍ଷ ପୂର୍ତ୍ତି ଅବସରରେ ଉପରାଷ୍ଟ୍ରପତି ସମସ୍ତ ଅଂଶଗ୍ରହଣକାରୀ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୈଶ୍ୱିକ ସମସ୍ୟାର ସମାଧାନ ପାଇଁ ଉଭୟ ମହାଦେଶର ନେତା ତଥା ଲୋକଙ୍କୁ ଏକାଠି କରିଥିବାରୁ ଏଏସଇଏମକୁ ପ୍ରଶଂସା କରି ସେ ସହଯୋଗୀ ବହୁପକ୍ଷୀୟତାର ଶକ୍ତିକୁ ମଜବୁତ କରିବା ପାଇଁ କାର୍ଯ୍ୟ କରିବାକୁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

**ନୂଆଦିଲ୍ଲୀ**

**ନଭେମ୍ବର 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.